## ଭାଜପାର ପ୍ରଶିକ୍ଷଣ ଶିବିର

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ଭାଜପା ପକ୍ଷରୁ କ୍ଷେତରାଜପୁର ଉଗ୍ରସେନ ଭବନଠାରେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ସାମାଞ୍ଜଳି ଖଟେଇଙ୍କ ସମେତ ଜିଲା ସ୍ତରର କର୍ମକର୍ତ୍ତା ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରି କାମ କରିବାକୁ ପଡିବ। କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ଜନ ସାଧାରଣଙ୍କୁ ଅବଗତ କରାଯିବା ସହ ଲୋକଙ୍କ ସମସ୍ୟାକୁ ସମାଧାନ କରିବାକୁ ସ୍ଥିର ହୋଇଥିଲା ।

# ହୀରାକୁଦରେ ଇକୋ ରିଟ୍ରିଟ୍ ଆରମ୍ଭ

ସମ୍ବଲପୁର,୧୫।୧୨(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଜଳଭଣ୍ଡାର ତଟ ବଲବସପୁର ଗ୍ରାମ ନିକଟରେ ବୁଧବାର ଇକୋ ରିଟ୍ରିଟ୍ ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟନ ବିଭାଗ ଡେପୁଟି ଡାଇରେକ୍ଟର ହେମନ୍ତ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲାପାଳ ଶୁଭମ୍ ସକ୍‌ସେନା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଡ. ଦୀପକ କୁମାର, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପିଡି ଡିଆର୍‌ଡିଏ ଦିଲୀପ କୁମାର ବଳ, ପର୍ଯ୍ୟଟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅତିଥିମାନେ କହିଥିଲେ, ପର୍ଯ୍ୟଟନ ଋତୁ ସମୟରେ ଇକୋ ରିଟ୍ରିଟ ଆରମ୍ଭ ହୋଇଛି। ହୀରାକୁଦ ଜଳଭଣ୍ଡାର ତଟରେ ଥିବାରୁ ଏହା ପର୍ଯ୍ୟଟକଙ୍କୁ ଅକୃଷ୍ଟ କରିବ। ପର୍ଯ୍ୟଟନର ପର୍ଯ୍ୟାପ୍ତ ସୁବିଧା ରହିଥିବାରୁ ସରକାର ଏହି ସ୍ଥାନକୁ ଚିହ୍ନଟ କରିଥିଲେ। ଚଳିତବର୍ଷ ଅଧିକ ସଂଖ୍ୟାରେ କିଭଳି ପର୍ଯ୍ୟଟକ ଆସି ମଜା ନେଇପାରିବେ ସେ ଲକ୍ଷ୍ୟ ରଖାଯାଇଛି। ଡେପୁଟି ଡାଇରେକ୍ଟର ପ୍ରଧାନ କହିଥିଲେ, ଗତବର୍ଷ ଭଳି ୱାଟର ସ୍ପୋର୍ଟ୍ସ, ପର୍ଯ୍ୟଟନ ସ୍ଥଳ ଭ୍ରମଣ, ରହିବା ଓ ଖାଇବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଗତବର୍ଷ ଅପେକ୍ଷା ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା ରହିଛି। କୋଭିଡ୍ କଟକଣା ପାଇଁ ଗାଇଡ୍‌ଲାଇନ ପାଳନ କରାଯିବ। ପର୍ଯ୍ୟଟକ ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ ଅଭୟାରଣ୍ୟ, ସମଲେଇ ମନ୍ଦିର, ହୁମା ବକ୍ର ମନ୍ଦିର ଆଦି ପର୍ଯ୍ୟଟନ ସ୍ଥଳ ବୁଲି ଦେଖିପାରିବେ। ଏହାସହ ଇକୋ ରିଟ୍ରିଟରେ ସ୍କାଏଡିଙ୍ଗ, ଜଳ ଭଣ୍ଡାରରେ ବିଭିନ୍ନ ପ୍ରକାର ବୋଟରେ ଜଳକ୍ରୀଡ଼ା, ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଇକ୍ଲିଂ, ମାଛ ମାରିବା, ଯୋଗାଭ୍ୟାସ କରିବା ଯୋଜନା ରହିଛି। ପର୍ଯ୍ୟଟକଙ୍କ ପାଇଁ ୨୦ ଗୋଟି ଡିଲକ୍ସ କଟେଜ ଓ ୫ ଗୋଟି ପ୍ରିମିୟମ କଟେଜ ରହିଛି। ଏହାସହ ଅଭ୍ୟର୍ଥନା କକ୍ଷ, ସମ୍ମିଳନୀ କକ୍ଷ, ରେଷ୍ଟୁରାଣ୍ଟ ମଧ୍ୟ ରହିବ। ପର୍ଯ୍ୟଟକମାନେ ଅନ୍‌ଲାଇନରେ ଇକୋ ରିଟ୍ରିଟ ଓଡ଼ିଶା ଟୁରିଜମ ସାଇଟକୁ ଯାଇ ବୁକିଂ କରିପାରିବେ ବୋଲି ସୂଚନା ଦେଇଥିଲେ।



ହୀରାକୁଦ ଇକୋ ରିଟ୍ରିଟ ଉଦ୍‌ଘାଟନ କରାଯାଉଛି।

**ଆକୃଷ୍ଟ କରିବ ଜଳଭଣ୍ଡାର ତଟରେ କଟେଜ୍**

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ବିଜେଡିର ମିଶ୍ରଣପର୍ବ

ବ୍ରଜରାଜନଗର,୧୫।୧୨(ଡି.ଏନ.ଏ.): ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାନ୍ଦନିମାଲ ଗ୍ରାମପଞ୍ଚାୟତରେ ବିଧାୟକ କିଶୋର କୁମାର ମହାନ୍ତି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ତବଲାମାଲ ଗ୍ରାମରେ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମହିଳା ମିଶନ ଶକ୍ତି ଗୃହ, କେଛୋବାହାଲରେ ଓପିଜିସି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୨୯ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣମଣ୍ଡପ, ଚାନ୍ଦନିମାଲରେ ୫ ଲକ୍ଷ ଟଙ୍କା ବ୍ୟୟରେ ମହିଳା ମିଶନ ଶକ୍ତି ଗୃହ ଅନ୍ୟତମ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ହର୍ଷ ଜଗତ, ସରପଞ୍ଚ ରିତୁ ସା, ଲକ୍ଷ୍ମୀ ମିଶ୍ର, ହେମନ୍ତ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ। ପରେ କୁଦୋପାଲିଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ପୂର୍ବତନ ମନ୍ତ୍ରୀ ଉପେନ୍ଦ୍ର ଦୀକ୍ଷିତଙ୍କ ଦାୟାଦ କୃଷ୍ଣଚନ୍ଦ୍ର ଦୀକ୍ଷିତ ଓ ସହଧର୍ମିଣୀ କଲ୍ୟାଣୀ ଦୀକ୍ଷିତଙ୍କ ସହିତ ୧୦୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ବିଧାୟକ ମହାନ୍ତିଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିଲେ। ବିଜେଡି ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଜିଲା ଉପସଭାପତି କୁଳମଣି ଦାଶ, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ନୃପ ତାଣ୍ଡିଆ, ମକରଧ୍ୱଜ କଉଡ଼ି, ଗଣେଶ ରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ଏମ୍‌ସିର ମହାନଦୀ ଉତ୍ସବ

ସମ୍ବଲପୁର,୧୫।୧୨(ବ୍ୟୁରୋ): ସମ୍ବଲପୁର ଜିଲା ପ୍ରଶାସନ ଓ ମହାନଗର ନିଗମ ପକ୍ଷରୁ ମହାନଦୀ ଉତ୍ସବ ୨୦୨୧ ଆରମ୍ଭ ହୋଇଛି। ମହାନଦୀର ସ୍ୱଚ୍ଛତା, ସୁନ୍ଦରତା, ଚୀରସ୍ରୋତା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ଏମ୍‌ସି ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମରେ ସହରର ବ୍ୟକ୍ତି ବିଶେଷ, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ସଫେଇ ହୋଇଥିବାବେଳେ ପର୍ଯ୍ୟାୟକ୍ରମେ ନୌକା ପ୍ରତିଯୋଗିତା, ଯୋଗ, ମହାନଦୀ ସୁରକ୍ଷାକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରଭାତ ଫେରି, ମିନି ମାରାଥନ, ରଙ୍ଗୋଲି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି।

### ଡାଏଲିସିସ୍ ସେଣ୍ଟର କାର୍ଯ୍ୟକ୍ଷମ ଦାବିରେ ଅନଶନ

ଦେବଗଡ଼,୧୫।୧୨(ଡି.ଏନ.ଏ.): ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ ସେଣ୍ଟର କାର୍ଯ୍ୟକ୍ଷମ ଦାବିରେ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ତଥା ରିଲେ ଅନଶନ ଆରମ୍ଭ ହୋଇଛି। ଦବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କର୍ଯ୍ୟାଳୟ ସମ୍ମୁଖରେ ରିଲେ ଅନଶନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ଏବଂ ବରିଷ୍ଠ ବିଶେଷଜ୍ଞ ଡାକ୍ତର ମନୋରଞ୍ଜନ ସାମଲ ପହଞ୍ଚି ଅନଶନକାରୀମାନଙ୍କୁ ବୁଝାଶୁଝା କରି ଅଳ୍ପ ଦିନ ମଧ୍ୟରେ ଡାଇଲିଶିସ ସେବା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରତ୍ୟେକ ଦିନ ସେଠାରେ ରିଲେ ଅନଶନ କରାଯିବ ବୋଲି ସେମାନେ ଜିଦ ଧରିଥିଲେ।

## ସ୍ୱତନ୍ତ୍ର ଟିମ୍ ଦ୍ୱାରା ଚିକିତ୍ସା କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭିମସାରରେ ପଦ୍ମଶ୍ରୀ ଗୌନ୍ତିଆଙ୍କୁ ଭେଟୁଛନ୍ତି କୁଚିଣ୍ଡା ବିଧାୟକ।

ସମ୍ବଲପୁର,୧୫।୧୨(ବ୍ୟୁରୋ)

ସମ୍ବଲପୁରୀ ରଙ୍ଗବତୀ ଗୀତର ରଚୟିତା କୁଚିଣ୍ଡା ଉପଖଣ୍ଡ ରଙ୍ଗବତୀ ବିଲୁଙ୍ଗ ଗ୍ରାମର ପ୍ରଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ବୁଧବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ତାଙ୍କୁ ଭେଟିବା ସହ ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାଏକଙ୍କୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସଦର ତହସିଲଦାର ଲକ୍ଷ୍ମଣ ଅମାତ ମଧ୍ୟ ତାଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପଦ୍ମଶ୍ରୀ ଗୌନ୍ତିଆଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ଭିମ୍‌ସାର ଅଧୀକ୍ଷକ ନାଏକଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି।

**ଭିମ୍‌ସାରରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ ଭେଟିଲେ ବିଧାୟକ**

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଦୁମୁକୁ ଚାମ୍ପିୟନ

କୁଚିଣ୍ଡା,୧୫।୧୨(ଡି.ଏନ.ଏ.)

ବାମରା ବ୍ଲକ ଲରିଆପାଲି ପଞ୍ଚାୟତ ଖୋଲବିଲୁଙ୍ଗଠାରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଦୁମୁକୁ ଓ ପିଣ୍ଡାପଥର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ପେନାଲଟି ଶୁଟ୍‌ଆଉଟରେ ଦୁମୁକୁ ଦଳ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ପଦ୍ମଚରଣ ଗୁରୁ, ସୁଜିତ ବାରିକ, ପ୍ରଶାନ୍ତ ଭୋଇ ଓ ଯଶୋବନ୍ତ କୁମାର ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ହିନ୍ଦୀ ଶିକ୍ଷକ ବିହାରିଲାଲ ଚୌହାନ ମୁଖ୍ୟଅତିଥି, ଲରିଆପାଲି ସରପଞ୍ଚ ଶୁକ୍ଲ କୁଜୁର, ଶିକ୍ଷକ ତୀର୍ଥରାଜ ନାୟକ, ଟିକେଶ୍ୱର ନାୟକ, ଦୀନବନ୍ଧୁ କଉଡ଼ି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ କପ ସହ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ।

## ବ୍ୟାପକ ଫସଲ ନଷ୍ଟ କଲେ ହାତୀପଲ

ଦେବଗଡ଼,୧୫।୧୨(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଫସଲ ନଷ୍ଟ କରିବା ପରେ ଏବେ ହାତୀପଲ ସହର ମୁହାଁ ହୋଇଛନ୍ତି ମଙ୍ଗଳବାର ରାତିରେ ପ୍ରାୟ ୨୦ଟି ହାତୀପଲ ଦେବଗଡ ପୌରାଞ୍ଚଳର ୭ ନମ୍ବର ୱାର୍ଡର ପୁରୁଣାଗଡ, ଗୋବିନ୍ଦପୁର ଏବଂ ମୋହିନୀପୁର ଗ୍ରାମରେ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ହାତୀପଲ ଦେବଗଡ ପୌରାଞ୍ଚଳ ଦେଇ ପ୍ରବାହିତ ବାଲିଆପିଟା ନାଳ ଉଭୟ କଡରେ ପୁରୁଣାଗଡ ଓ ଗୋବିନ୍ଦପୁର ଗ୍ରାମରେ ପଶି ପୁରୁଣାଗଡ ଉମାକାନ୍ତ ଦେହୁରୀ, ଗିରିଜାଶଙ୍କର ଦେହୁରୀଙ୍କ କଦଳୀ ବଗିଚାରେ ପଶି ଶହଶହ କଦଳି ଗଛ ଖାଇବା ସହ ମାଡିଦଳି ନଷ୍ଟ କରିଦେଇଥିଲେ। ସେହିପରି ବିଜୟ ସାମଲ ଏବଂ ପ୍ରକାଶ ପ୍ରଧାନଙ୍କ ବଗିଚାରେ ପଶି ଫୁଲକୋବି, ଟମାଟୋ, ସିମଳା ଲଙ୍କା, ମକା ଓ ସୂର୍ଯ୍ୟମୂଖୀ ଆଦି ଖାଇବା ସହ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ହାତୀପଲ ବଗିଚାରେ ଥିବା ୨ଟି ପାଣି ପମ୍ପସେଟ, ସ୍ପିଙ୍କଲ ପାଇପ ଓ ଏକ ୱିଡର ମଧ୍ୟ ଭାଙ୍ଗି ଦେଇଛନ୍ତି। ରାସ୍ତା କଡରେ ଥିବା ଅରୁଣ ଦେହୁରୀଙ୍କ ଧାନ ଜମିରେ ପଶି ଧାନ ଫସଲ ନଷ୍ଟ କରିଥିବା ଜଣାପଡିଛି। ଖବର ପାଇ ଦେବଗଡ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀପଲ ରାତି ପ୍ରାୟ ୧୧ଟାରେ ଘଉଡାଇଥିଲେ। ଘଉଡାଇବା ସମୟରେ ହାତୀପଲ ମୋହିନୀପୁର ଗ୍ରାମର କେତେକ ଚାଷୀଙ୍କ ମଧ୍ୟ ଫସଲ ନଷ୍ଟ କରିଥିବା ଜଣାପଡିଛି। ବିଳମ୍ବିତ ରାତିରେ ଗ୍ରାମବାସୀ ଓ ବନ ବିବାଗ କର୍ମଚାରୀମାନେ ହାତୀପଲକୁ ଜଙ୍ଗଲ ମଧ୍ୟକୁ ଘଉଡାଇଥିଲେ। ବୁଧବାର ସନ୍ଧ୍ୟାରେ ପୁଣି ଉକ୍ତ ହାତୀପଲ ଗୋବିନ୍ଦପୁର ଗ୍ରାମକୁ ଫେରି ଆସିଥିବାରୁ ଧନ ଜୀବନ ସୁରକ୍ଷା ନେଇ ଉକ୍ତ ଅଞ୍ଚଳ ଚାଷୀ ଓ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏଭଳି ପରିସ୍ଥିତିରେ ବନ ବିଭାଗ କର୍ତ୍ତୃପକ୍ଷ ହାତୀପଲ ଅବିଳମ୍ବେ ଜଙ୍ଗଲକୁ ଘଉଡାଇବା ସହ କ୍ଷୟକ୍ଷତି ଠିକ ଆକଳନ କରି ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।



ହାଦୀଦ୍ୱାରା ନଷ୍ଟ ହୋଇଥିବା ଏକ ବଗିଚା।

## ୬ ପଞ୍ଚାୟତବାସୀଙ୍କ ପଞ୍ଚାୟତ ନିର୍ବାଚନ ବର୍ଜନ ଚେତାବନୀ

ଦେବଗଡ଼,୧୫।୧୨(ଡି.ଏନ.ଏ.)

ଦେବଗଡ ଜିଲା ତିଲେଇବଣି ବ୍ଲକର ୬ ପଞ୍ଚାୟତବାସୀ ମୋବାଇଲ ସେବା ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବାବୁଲାଲ ପୃଷେଠ, କ୍ଷମାସାଗର ନାୟକ, ପ୍ରେମାନନ୍ଦ ପ୍ରଧାନ, ଶ୍ୟାମଘନ ବାଘ, ଦେବଦତ୍ତ ପ୍ରଧାନ, କୃପାସିନ୍ଧୁ ନାୟକ, ହରେଶ କୁମାର ନାୟକ, ରଞ୍ଜନ କୁମାର ପ୍ରଧାନଙ୍କ ସମେତ ପାହାଡ ଉପରେ ଥିବା ଝରାଗୋଗୁଆ, ଗଣ୍ଡମ, ପାରପୋଶି, ଝାରମୁଣ୍ଡା, ଡିମିରିକୁଦା ଓ ଲଇମୁରା ପଞ୍ଚାୟତର ବହୁ ସଚେତନ ନାଗରିକ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାର ନକଲ ଟେଲିକମ ମନ୍ତ୍ରୀ ଓ ତିଲେଇବଣୀ ବିଡିଓଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ୬ଟି ପଞ୍ଚାୟତ ଲୋକେ ମୋବାଇଲ ନେଟୱାର୍କ ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ ବିଧାୟକ, ଏମ୍‌ପି ଓ ଜିଲା ପ୍ରଶାସନଠାରେ ଦାବି କରି ଆସୁଛନ୍ତି। ସୁଫଳ ମିଳୁ ନ ଥିବାରୁ ଶତାଧିକ ଜନସାଧାରଣ ଓ ଜନ ପ୍ରତିନିଧି ଆଜି ଡିମିରିକୁଦା ପଞ୍ଚାୟତ ଲୁଢର ଗ୍ରାମରେ ମେଳି ବାନ୍ଧି ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକରେ ଆହ୍ୱାନ କରିଥିଲେ। ଏହି ଅବସରରେ ସେମାନେ ଜିଲା ପ୍ରଶାସନ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସମାଲୋଚନା କରିଥିଲେ। ନିର୍ବାଚନ ପୂର୍ବରୁ ସେମାନଙ୍କୁ ମୋବାଇଲ ସେବା ଯୋଗାଇ ନ ଦେଲେ ଆନ୍ଦୋଳନ ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ପଞ୍ଚାୟତବାସୀ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୧୫।୧୨

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଭୁନ୍ଦୁପାଲି ଗ୍ରାମ ନିକଟ ରାସ୍ତାପାର୍ଶ୍ୱ ଗଛରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ବରଗଡ ଜିଲା ସୋହେଲା ଥାନା ଦାମପାଲି ଗ୍ରାମର ନିଲେଶ ମହାନନ୍ଦ (୨୮)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ମୃତକଙ୍କ ଭାଇ ରମେଶଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ୩୧/୨୧) ରୁଜୁକରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଅଜୟସେନ ଅମାତ କହିଛନ୍ତି। ପୋଲିସ ତଦନ୍ତରୁ ଜଣାପଡିଛି ଭୁନ୍ଦୁପାଲି ଗ୍ରାମର ବାହାଘରରେ ଯୋଗଦେବା ପାଇଁ ଦାମପାଲିରୁ ଏକ ବ୍ୟାଣ୍ଡ୍‌ପାର୍ଟି ଦଳ ପିକ୍‌ଅପ୍ ଭ୍ୟାନ୍‌ରେ ଆସିଥିଲେ। ଏହି ବ୍ୟାଣ୍ଡପାର୍ଟି ଦଳ ଭୁନ୍ଦୁପାଲିରୁ ବିଜାପାଲି ଗ୍ରାମକୁ ଯିବାର ଥିଲା। ଏହା ପୂର୍ବରୁ ବ୍ୟାଣ୍ଡପାର୍ଟିରେ ଆସିଥିବା ଯୁବକ ନିଲେଶ ପାଇଖାନା ଲାଗୁଥିବା କହି ଯାଇଥିଲେ। ହେଲେ ସେ ଆଉ ଫେରି ନ ଥିଲେ। ତାଙ୍କ ଭାଇ ଓ ସାଙ୍ଗ ଖୋଜାଖୋଜି କରି ରାସ୍ତାପାର୍ଶ୍ୱ ଗଛରେ ଝୁଲୁଥିବା ଦେଖି ପୋଲିସକୁ ଜଣାଇଥିଲେ।

## କେଶାଇବାହାଲ କଲେଜରେ ରକ୍ତଦାନ ଶିବିର

କୁଚିଣ୍ଡା,୧୫।୧୨(ଡି.ଏନ.ଏ.)

ବାମରା ବ୍ଲକ କେଶାଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ବୁଧବାର ୟୁଥ୍ ରେଡକ୍ରସ ଓ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା ସଜନ କୁମାର ଖଣ୍ଡେଲୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଦୟାସାଗର ପ୍ରଧାନ, ୟୁଥ୍ ରେଡକ୍ରସ ସଂଯୋଜକ ହରେଶ ସାହୁ, ଜାତୀୟ ସେବା ଯୋଜନା ସଂଯୋଜକ ବିନୋଦ ବିହାରୀ ପୃଷେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁସ୍ମିତା କିଷାନ, ଶାସିନୀ ପଟେଲ, ଆଲୁମ୍‌ନି ସଭାପତି ପଦ୍ମଚରଣ ଗୁରୁ, ସମ୍ପାଦକ ବିଜୁ ସାହୁ, ଛାତ୍ର ଚନ୍ଦନ ସାହୁ, ଛାତ୍ରୀ ଗୀତିଶ୍ରୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୨୬ ଜଣ ଛାତ୍ରୀଛାତ୍ର ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କୁଚିଣ୍ଡା ଡାକ୍ତରଖାନା ରକ୍ତଭଣ୍ଡାର ଟେକ୍‌ନିସିଆନ ପ୍ରମୋଦ ପଟେଲ ଓ ଲିପ୍ସା ପଟେଲ ରକ୍ତ ସଂଗ୍ରହ କରିଥିଲେ।

## ରେଳ ମଣ୍ଡଳରେ ଶକ୍ତି ସଂରକ୍ଷଣ ସପ୍ତାହ

ସମ୍ବଲପୁର,୧୫।୧୨(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ବିଭିନ୍ନ ଷ୍ଟେଶନରେ ଶକ୍ତି ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଶକ୍ତି ସଂରକ୍ଷଣ ଶୀର୍ଷକ ସ୍ଲୋଗାନ ସହ ପୋଷ୍ଟର, ଷ୍ଟିକର, ବ୍ୟାନର ପ୍ରଦର୍ଶିତ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିସହ ଭର୍ଚୁଆଲରେ ସଭା ହୋଇଥିଲା । ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଅଧକ୍ଷତା କରି ଶକ୍ତି ସଞ୍ଚୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ ଟେକେନ୍ଦ୍ର କୁମାର ଚାଣ୍ଡେଲ, ବରିଷ୍ଠ ଅନୁଭାଗ ଯନ୍ତ୍ରୀ ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ପାୱାର ପଏଣ୍ଟ ଜରିଆରେ ଶକ୍ତି ସଂରକ୍ଷଣ ବିଷୟରେ ବୁଝାଇଥିଲେ। ଶେଷରେ ମଣ୍ଡଳ ସହାୟକ ଯନ୍ତ୍ରୀ ଭି ଶ୍ରୀନିବାସ ଧନ୍ୟବାଦ ଦେଇଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଶିବିର

ସମ୍ବଲପୁର,୧୫।୧୨(ବ୍ୟୁରୋ)

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ଗୁଣାତ୍ମକ ଶିକ୍ଷାଦାନ ସ୍ୱତନ୍ତ୍ର ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ସୂଚନା ପ୍ରଦାନ କରିଥିଲେ। ସମ୍ବଲପୁର ମହାନଗର ନିଗମ ଉପଆୟୁକ୍ତ ବିନୋଦ କୁମାର ପଣ୍ଡା ଓ ସହକାରୀ ଆୟୁକ୍ତ ରାକେଶ କୁମାର ଅଗ୍ରୱାଲ ଶିବିର ଶୁଭାରମ୍ଭ କରିଥିଲେ। ହୀରାକୁଦର ବରିଷ୍ଠ ନାଗରିକ ଯୋଗେନ୍ଦ୍ର ପ୍ରଧାନ, ଅଶୋକ କୁମାର ପଣ୍ଡା ନିମନ୍ତ୍ରିତ ଅତିଥି ଥିଲେ।

## ତୃତୀୟ ଦିନରେ ସ୍ୱାଭାବିକ ହେଲା ଧାନ ସଂଗ୍ରହ

ସମ୍ବଲପୁର,୧୫।୧୨(ବ୍ୟୁରୋ)

ସମ୍ବଲପୁର ଜିଲାର ଶାସନ ଓ ତାଲବ ଧାନ ମଣ୍ଡିରେ ୩ଦିନ ଧରି ଲାଗିରହିଥିବା ଅଚଳାବସ୍ଥା ଦୂର ହୋଇଛି। ଚାଷୀଙ୍କ ଦାବି ମାନିନେବା ପରେ ଧାନ ସଂଗ୍ରହ ସ୍ୱାଭାବିକ ହୋଇଛି। ଏହି ସମସ୍ୟା ନେଇ ଶାସନ ମଣ୍ଡିରେ ବୁଧବାର ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ଉମେଶ ମିଶ୍ର, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଚାଷୀମାନେ ମିଲରେ ଧାନ କଟ୍‌ନୀଛଟ୍‌ନୀ କରାଯିବା ଓ ଧାନର ମାନ ପରୀକ୍ଷା ହେଉ ନ ଥିବା ଅଭିଯୋଗ କରିଥିଲେ। ଏହାର ସମାଧାନ ନ ହେଲେ ରାଜରାସ୍ତାରେ ଧାନ ଢାଳି ଆନ୍ଦୋଳନ କରିବେ ବୋଲି କହିଥିଲେ। ହେଲେ ମିଲର୍ସ ଓ ପ୍ରଶାସନ ଏଥିରେ ସହମତି ପ୍ରକାଶ କରିଥିଲେ। ଧାନ ୧୭ ପ୍ରତିଶତରୁ ଅଧିକ ଆର୍ଦ୍ରତା ଥିଲେ କୁଇଣ୍ଟାଲ ପିଛା ୧ କେଜି କଟ୍‌ନୀଛଟ୍‌ନୀ କରାଯିବ ବୋଲି ସ୍ଥିର ହୋଇଛି। ଏହା ପାଳନ ନ ହେଲେ ଚାଷୀମାନେ ଜିଲାପାଳଙ୍କ ଅଫିସ ଓ ସରକାରୀ ବାସଭବନରେ ଧାନ ଢାଳି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଶାସନ ମଣ୍ଡିରେ ଅନୁଷ୍ଠିତ ବୈଠକରେ ଚାଷୀ, ମିଲର୍ସ ଓ ପ୍ରଶାସନିକ ଅଧିକାରୀ।

## ଜିଲା କୃଷକ ସଙ୍ଗଠନର ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା ଅଫିସ,୧୫।୧୨

ଚଳିତବର୍ଷ ଖରିଫ ଋତୁରେ ରାଜ୍ୟରେ ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଝାରସୁଗୁଡା ଜିଲାରେ ଏହା ଆରମ୍ଭ ହୋଇପାରି ନାହିଁ। ଫଳରେ ଚାଷୀ କ୍ଷତିସହି ଅସାଧୁ ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା କୃଷକ ସଙ୍ଗଠନ ଆସନ୍ତା ୨୧ତାରିଖ ମଧ୍ୟରେ ଧାନକିଣା ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଏ ମର୍ମରେ ସଙ୍ଗଠନ କର୍ମକର୍ତ୍ତା ବୁଧବାର ଜିଲାପାଳ ସରୋଜ କୁମାର ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ସାମଲ ୧ସପ୍ତାହ ମଧ୍ୟରେ ଚାଷୀଙ୍କ ନିକଟରୁ ଆର୍‌ଏମ୍‌ସି ଜରିଆରେ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଗତବର୍ଷ ଖରିଫ ଋତୁରେ ଜିଲାରେ ନଭେମ୍ବର ୨୫ରେ ଧାନକିଣା ଆରମ୍ଭ ହୋଇଥିଲା। ଚଳିତବର୍ଷ ଡିସେମ୍ବର ୭ରୁ ଧାନ କିଣିବାପାଇଁ ଡିଏଲ୍‌ପିସି ବୈଠକରେ ଦିନଧାର୍ଯ୍ୟ ହୋଇଥିଲା। ହେଲେ ଗତ ୨୯ତାରିଖରୁ ଜିଲାର ସେବା ସମବାୟ ସମିତି କର୍ମଚାରୀମାନେ ୫ଦଫା ଦାବିନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହାର ସମାଧାନ ହୋଇ ନ ଥିବାରୁ ଚାଷୀଙ୍କ ନିକଟରୁ ଯୋଗାଣ ବିଭାଗ ଧାନ କିଣିବା ସମ୍ଭବପର ହୋଇପାରୁନାହିଁ। ଜିଲା ପ୍ରଶାସନ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ଯୋଜନା ଚଳାଇଛି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଆସନ୍ତା ୨୪ତାରିଖରେ ଜିଲାରେ ଚାଷୀଙ୍କ ନିକଟରୁ ଧାନ କିଣାଯିବ। ଏହା ପୂର୍ବରୁ ଆସନ୍ତା ୨୦ରେ ଆର୍‌ଏମ୍‌ସି ଦ୍ୱାରା ଝାରସୁଗୁଡା ବ୍ଲକ୍ ବଡମାଲ ଓ ଶ୍ରୀପୁରା ସେବା ସମବାୟ ସମିତିର ଚାଷୀଙ୍କ ନିକଟରୁ ଧାନ କିଣାଯିବା ପାଇଁ ସ୍ଥିର କରାଯାଇଛି। ସୂଚନାଯୋଗ୍ୟ ଚଳିତବର୍ଷ ଖରିଫ ଧାନ ବିକ୍ରି ପାଇଁ ଚାଷୀମାନେ ନାମ ପଞ୍ଜୀକରଣ କରିଥିଲେ। ଚାଷୀଙ୍କ ଧାନକ୍ଷେତ ଅନୁଧ୍ୟାନ ପାଇଁ ରାଜସ୍ୱ ନିରୀକ୍ଷକ ଓ କୃଷି ଗ୍ରାମସେବକଙ୍କୁ ନିୟୋଜିତ କରାଯାଇଥିଲା। ଉଭୟ ବିଭାଗର ସର୍ଭେ ରିପୋର୍ଟରେ ପଞ୍ଜୀକୃତ ଚାଷୀଙ୍କ ଧାନକ୍ଷେତ ଠିକ୍ ମୂଲ୍ୟାଙ୍କନ କରାଯାଇ ନ ଥିଲା। ଫଳରେ ସମ୍ପୃକ୍ତ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ବୋଲି ଜିଲା କୃଷକ ସଙ୍ଗଠନ ଅଭିଯୋଗ କରିଛି। ଏହାର ସଠିକ୍ ମୂଲ୍ୟାଙ୍କନ କରାଯାଇ ପୁନର୍ବାର ରିପୋର୍ଟ ପ୍ରକାଶ ପାଇଁ ସଙ୍ଗଠନ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କୃଷକ ସଙ୍ଗଠନ ସଭାପତି ଦିଲୀପ ବଢେଇ, ପ୍ରବକ୍ତା ବିରଞ୍ଚି ସାହୁ, ଉପସଭାପତି ତୁଳାରାମ ସେନାପତି, ସାଧାରଣ ସମ୍ପାଦକ ହେମସାଗର କୁମୁରା, କୋଷାଧ୍ୟକ୍ଷ ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନପାଇଁ ଆସିଥିବା ଜିଲା କୃଷକ ସଙ୍ଗଠନର କର୍ମକର୍ତ୍ତା।

**୨୧ତାରିଖ ସୁଦ୍ଧା ଧାନ କିଣିବାକୁ ଦାବି**

## ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଦେଓଗାଁ/ଗୁଡଭେଲା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଗୁଡଭେଲା କଲ୍ୟାଣ ମଣ୍ଡପଠାରେ ବରଗଡ ବିକାଶ ହସ୍ପିଟାଲ ଓ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ମିଳିତ ଉଦ୍ୟମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରାମନିବାସ ଅଗ୍ରୱାଲ, ଶରତ ନାଗ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବରଗଡ ବିକାଶ ହସ୍ପିଟାଲରୁ ଦନ୍ତରୋଗ, ଛାତି, ଫୁସଫୁସ ରୋଗ, ଇଏନଟି, ଚର୍ମ, ଶିଶୁ, ଭେଷଜ ବିଶେଷଜ୍ଞମାନେ ଯୋଗଦେଇ ରୋଗୀଙ୍କ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମକୁ ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ଲିଙ୍କନ ସେଠ, ନିତ୍ୟାନନ୍ଦ ଷଡଙ୍ଗୀ, କବିର ବସ୍ତିଆ, ସହଦେବ ନାଗ, ଦେବରାଜ ମହାନନ୍ଦଙ୍କ ସହ ତୁଷୁରା ଆକ୍ସନ କମିଟି, ସ୍ୱାଭିମାନ ପରିବାର ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗୋଟିଏ ଦେଶୀ ପିସ୍ତଲ ଜବତ, ୨ ଗିରଫ

**କେସିଙ୍ଗା,୧୫।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ସହର ୬ ନମ୍ବର ୱାର୍ଡ଼ରେ ୨ଜଣ ବ୍ୟକ୍ତି ବିନା ଲାଇସେନ୍ସର ଦେଶୀ ପିସ୍ତଲ ରଖି ଅପରାଧ କାମ ପାଇଁ ଯୋଜନା କରୁଥିବା ବେଳେ କେସିଙ୍ଗା ପୋଲିସ ଚଢ଼ାଉ କରି ଗୋଟିଏ ଦେଶୀ ପିସ୍ତଲ ଜବତ ସହ ଉଭୟଙ୍କୁ ଗିରଫ କରିଛି। ଗିରଫ ୨ ଜଣ ହେଲେ ୬ ନଂ. ୱାର୍ଡର ରାହୁଲ ମାଝି (୨୬) ଓ ଲଛମନ ମଙ୍ଗରାଜ (୨୮)। ସୂଚନା ଯେ, ୧୪ ତାରିଖ ରାତିରେ ତେଲନଦୀ ନିକଟରେ ଉଭୟେ ଅପରାଧ କାମ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। କୌଣସି ସୂତ୍ରରୁ କେସିଙ୍ଗା ପୋଲିସ ସୂଚନା ପାଇ ଚଢ଼ାଉ କରି ପିସ୍ତଲ ଜବତ କରି ଦୁଇ ଜଣଙ୍କୁ କାବୁ କରିଥିଲା ବୋଲି କଳାହାଣ୍ଡି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ. ୪୮୨/୨୧) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### କୁକୁରକୁ ଧକ୍କାଦେଇ ବାଇକ୍ ଆରୋହୀ ମୃତ

**କୋକସରା,୧୫।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ ବଡ଼ କେନ୍ଦୁଗୁଡ଼ା ବିଜୁ ଏକ୍ସପ୍ରେସ ୱେ ବଜାର ପଡ଼ିଆ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ କୁକୁରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀ ଡୁଡୁକାଠେଙ୍ଗା ଗ୍ରାମର ସଞ୍ଜୟ କୁମାର ଦାସ (୩୫)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନାନୁଯାୟୀ, ଆମପାଣିରୁ ବାଇକ୍ ଯୋଗେ ସଞ୍ଜୟ ଘରକୁ ଫେରୁଥିଲେ। ବଡ଼କେନ୍ଦୁଗୁଡ଼ା ନିକଟସ୍ଥ ବଜାର ପଡ଼ିଆ ନିକଟରେ ଏକ କୁକୁର ସହ ଧକ୍କା ହୋଇଥିଲା। ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଆମପାଣି ପୋଲିସ ପହଞ୍ଚି ଶବ ଜବତ କରିଥିଲା। କୋକସରା ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଆମପାଣି ପୋଲିସ ସୂଚନା ଦେଇଛି।

### କାଳିଆ ଯୋଜନା ଅଭିମୁଖୀକରଣ ଶିବିର

**ଦେଓଗାଁ,୧୫।୧୨(ଡି.ଏନ.ଏ):** ଦେଓଗାଁ ବ୍ଲକ ଅନ୍ତର୍ଗତ ସଦର ଗାଁ ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ବ୍ଲକ ଉଦ୍ୟାନ ବିଭାଗ ତରଫରୁ କାଳିଆ ଯୋଜନା ସମ୍ପର୍କିତ ପଞ୍ଚାୟତସ୍ତରୀୟ ଅଭିମୁଖୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ ଯୋଗଦେଇ କାଳିଆ ଯୋଜନା ଅର୍ନ୍ତଭୁକ୍ତ ଭୂମିହୀନମାନଙ୍କ ଉଦ୍ଦେଶ୍ୟରେ ନୂତନ ସରକାରୀ ନିୟମ ଉପରେ ଅବଗତ କରିଥିଲେ । ଭୂମିହୀନ ପରିବାର ନୂତନଭାବେ କାଳିଆ ଯୋଜନା ପାଇଁ କିପରି ଆବେଦନ କରିବେ ତାହା ଉପରେ ମଧ ଧାରଣା ପ୍ରଦାନ କରିଥିଲେ। ଓଭରସିୟର ପବିତ୍ର ଭୋଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ବ୍ଲକର ସମସ୍ତ ପଞ୍ଚାୟତ ମୁଖ୍ୟାଳୟମାନଙ୍କରେ ଆୟୋଜିତ ହେଉଥିବା ସୂଚନା ଦିଆଯାଇଛି ।

### ବିଷାକ୍ତ ଜୀବନାଶକର ଠିକ ଓ ନିରାପଦ ବ୍ୟବହାର ଉପରେ କର୍ମଶାଳା

**ଜୁନାଗଡ,୧୫।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ମଙ୍ଗଳବାର ବିଷାକ୍ତ ଜୀବନାଶକର ଠିକ ଓ ନିରାପଦ ବ୍ୟବହାର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆତ୍ମା ଅଧକ୍ଷ ଅଶୋକ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ସୁରକ୍ଷିତ ଆଚରଣ ଓ ସୁଖୀ ଜୀବନ ଉପରେ ବିଭିନ୍ନ ଉଦାହରଣ ଦେଇ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଭିଓ ପ୍ରସନ୍ନ ଦାଶ, ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ସହକାରୀ କୃଷି ଯନ୍ତ୍ରୀ ସୋମ୍ୟା ସୁରଭି ଶବର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସହକାରୀ ନୌକେଶ୍ୱର ନାଗ ପରିଚାଳନା କରିଥିବାବେଳେ ତାଙ୍କୁ ଏଟିଏମ୍ ନିତ୍ୟସୁନ୍ଦର ସାହୁ, ପ୍ରଶାନ୍ତ ରାଉତ, ବିଟିଏମ ଭବତୋଷ କରି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ କୃଷି ଉପଦେଷ୍ଟା ମଣ୍ଡଳୀ ସଦସ୍ୟା ମନିଷା ସାହୁ, ସଦସ୍ୟ ଲକ୍ଷ୍ମଣ ରଣବୀର, ଆଦିତ୍ୟ ସାହୁ, ସୁଶାନ୍ତ ନାଏକ ପ୍ରମୁଖଙ୍କ ସହ ଜୁନାଗଡ ବ୍ଲକର ସମସ୍ତ ଏଲ୍ଆଇ ଉପସ୍ଥିତ ଥିଲେ। ପରେ ୫୦ଜଣ ଚାଷୀଙ୍କୁ ଉନ୍ନତ ମାନର ରଙ୍ଗୀନ ବ୍ରଏଲର କୁକୁଡା ଛୁଆ ବଣ୍ଟନ କରାଯାଇଥିଲା।

# ପାଇଖାନା ଦୁର୍ନୀତିର ଖୋଳତାଡ଼ ଆରମ୍ଭ

**ବଲାଙ୍ଗୀର ଅଫିସ, ୧୫।୧୨**

- ଭଡାଘରୁ ମିଳିଲା ବହୁ କାଗଜପତ୍ର
- ବଲାଙ୍ଗୀର ସମେତ ସମ୍ବଲପୁର ଜିଲାର କାଗଜପତ୍ର ଜବତ
- ପପୁ ଲୋଧାଙ୍କ ନାଁରେ ବୁକ୍ ହୋଇଛି କୋଶଳ ଟାୱାର ରୁମ୍
- ଛୁଟିରେ ଗଲେ କନିଷ୍ଠ ଯନ୍ତ୍ରୀ


ଉପଜିଲାପାଳ, ଆରଡବ୍ଲ୍ୟୁଏସଏସ୍ ଏସ୍‌ଡିଓଙ୍କ ଉପସ୍ଥିତିରେ କୋଶଳ ଟାୱାର ରୁମ୍ ଯାଞ୍ଚ କରାଯାଉଛି।

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକରେ ପାଇଖାନା ଦୁର୍ନୀତି ଘଟଣା ପଦାକୁ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଖୋଳତାଡ ଆରମ୍ଭ କରାଯାଇଛି। ବ୍ଲକ ଅଧୀନ ପଡିଆବାହାଲ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ନାଁରେ ୪ଟି ପାଇଖାନା ନିର୍ମାଣ ଦର୍ଶାଇ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହାସହିତ ମୃତ ବ୍ୟକ୍ତିଙ୍କ ନାଁରେ ମଧ ପାଇଖାନା ନିର୍ମାଣ ନାଁରେ ଟଙ୍କା ଆତ୍ମସାତ୍ କରାଯାଇଛି। ଏହି ଦୁର୍ନୀତିରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ ମାଝିଙ୍କ ସମ୍ପୃକ୍ତି ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଖୋଳତାଡ ଆରମ୍ଭ କରାଯାଇଛି। ଉପଜିଲାପାଳ ଲମ୍ବୋଦର ଧରୁଆଙ୍କ ଉପସ୍ଥିତିରେ ଜିଲା ଗ୍ରାମ୍ୟ ଓ ଜଳ ପରିମଳ ବିଭାଗ ଏସଡିଓ ଆଶୁତୋଷ ଭଦ୍ର ବୁଧବାର ସ୍ଥାନୀୟ କୋଶଳ ଟାୱାରର ରୁମ୍ ନମ୍ବର ୧୦୨କୁ ଯାଇ ବହୁ କାଗଜପତ୍ର ଜବତ କରିଛନ୍ତି। ଉକ୍ତ କାଗଜପତ୍ରରେ ଅନେକଗୁଡିଏ ବିଭାଗୀୟ ବିଲ, ଆବେଦନ ଫର୍ମ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ରହିଛି। ଏଥିରେ ବଲାଙ୍ଗୀର, ସମ୍ବଲପୁର ଓ ଅନ୍ୟ ଜିଲାର ମଧ ଡକ୍ୟୁମେଣ୍ଟ ରହିଛି। ଏକ ଘରୋଇ ସଂସ୍ଥା କୋଶଳ ଟାୱାର ରୁମ୍ ଭିତରକୁ କିଭଳି ଭାବେ ବିଭାଗୀୟ ଫାଇଲ ଆସିଲା ତାକୁ ନେଇ ଖୋଳତାଡ ଆରମ୍ଭ କରାଯାଇଛି। ଉକ୍ତ ହୋଟେଲ ରୁମ୍ ପପୁ ଲୋଧା ନାମକ ଜଣେ ବ୍ୟକ୍ତିଙ୍କ ନାମରେ ବୁକ୍ କରାଯାଇଥିବା ଜଣାପଡିଛି। ଏହି ପପୁ ଲୋଧା କିଏ ତାଙ୍କ ବିଷୟରେ ଅଧିକାରୀମାନେ ସବିଶେଷ ସୂଚନା ଦେଇ ନ ଥିଲେ ମଧ ଏହା ଜିଲା ବାହାରର ଜଣେ ଠିକାଦାର ବୋଲି କୁହାଯାଉଛି। ଉକ୍ତ ରୁମ୍‌କୁ ପୁଇଁତଲା ବ୍ଲକ୍‌ର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାଝିଙ୍କ ଘରୋଇ ଅଫିସ ଭାବେ ବ୍ୟବହାର କରୁଥିଲେ ବୋଲି ପ୍ରଶାସନକୁ ଖବର ମିଳିବା ପରେ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ପ୍ରାଶସନିକ ସ୍କ୍ୱାଡ ସେଠାକୁ ଯାଇ ୧୦୨ ନମ୍ବର ରୁମ୍‌କୁ ସିଲ୍ କରିଥିଲା। ଏହି ରୁମ୍ ସିଲ୍ କରିଲା ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାଝି ଉପସ୍ଥିତ ଥିଲେ। ତେବେ ବୁଧବାର ସକାଳେ ଉକ୍ତ ରୁମ୍‌କୁ ତଦାରଖ କରିବା ପାଇଁ ଉପଜିଲାପାଳ ଧରୁଆ, ବିଭାଗୀୟ ଏସ୍‌ଡିଓ ଭଦ୍ର ଓ ଟିମ୍ ଯାଇଥିବା ବେଳେ ଯନ୍ତ୍ରୀ ମାଝି ସେଠାକୁ ଆସି ନ ଥିଲେ। ଏ ନେଇ ପୁଇଁତଲା ବିଡିଓ ଯୁଧିଷ୍ଠିର ନାଏକଙ୍କୁ ପଚାରିବାରୁ ସନ୍ଧ୍ୟାରେ କନିଷ୍ଠ ଯନ୍ତ୍ରୀ ମାଝିଙ୍କ ଏକ ଛୁଟି ଦରଖାସ୍ତ ଷ୍ଟାଫଙ୍କ ଜରିଆରେ ପାଇଥିବା ସୂଚନା ଦେଇଛନ୍ତି। ଉକ୍ତ ଦରଖାସ୍ତରେ ମାଙ୍କ ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱର ଯାଇଥିବା ଦର୍ଶାଇ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଛୁଟି ମାଗିଥିବା ବିଡିଓ ନାଏକ କହିଛନ୍ତି। ତେବେ ବ୍ୟକ୍ତିଗତ ଭାବେ ନ ଆସି କନିଷ୍ଠ ଯନ୍ତ୍ରୀ ମାଝି ଷ୍ଟାଫ୍ ଜରିଆରେ ଛୁଟି ଦରଖାସ୍ତ ପଠାଇଥିବା ବିଡିଓ ନାଏକ ସୂଚନା ଦେଇଛନ୍ତି। ପୁଇଁତଲା ବ୍ଲକ୍‌ରେ ପାଇଖାନା ଦୁର୍ନୀତି ଘଟଣା ପଦାକୁ ଆସିବା ପରେ ସାରା ଜିଲାରେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ପାଇଖାନା ନିର୍ମାଣରେ ମହାଦୁର୍ନୀତି ଚର୍ଚ୍ଚାର ବିଷୟ ହୋଇଛି।

## ୧୦୮ ବ୍ୟଞ୍ଜନ, ୫୬ ପ୍ରକାର ମିଠା ଭୋଗ



**ନୂଆପଡ଼ା ଅଫିସ,୧୫।୧୨**

ନୂଆପଡା ଜିଲା କୋମନା ବ୍ଲକ ଜଟଗଡ ଗ୍ରାମର ବେହେରାପଡାରେ ରାଧେଶ୍ୟାମ ମହାପ୍ରଭୁଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାକୃଷ୍ଣଙ୍କ ନିକଟରେ ୧୦୮ ପ୍ରକାର ବ୍ୟଞ୍ଜନ ଓ ୫୬ ପ୍ରକାର ମିଠା ଭୋଗ ଲାଗି କରାଯାଇଥିଲା। ଗଜପତି ବନଛୋର ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇଥିବା ବେଳେ ପଦ୍ମନ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଶିବ ବନଛୋର, କେଶବ ଚିରାଗୁଲ, ନଟବର ବାଗ, ପବିତ୍ର ପ୍ରଧାନ, ଟଙ୍କଧର ପ୍ରଧାନ, ଧନୁ ପ୍ରଧାନ, ମଧୁ ସୁଦନ ବନଛୋର, ଜଏବଳ ନାଗ, ଶଙ୍କର ବନଛୋର, ଶଶିଧର ପ୍ରଧାନ ପ୍ରମୁଖ ପୂଜାରେ ସହଯାଗ କରିଥିଲେ।

## କୋମନା ଅଞ୍ଚଳରେ ପୁଣି ୨୯ ଟିକିଆ ହାତୀପଲ

**ନୂଆପଡ଼ା ଅଫିସ,୧୫।୧୨**

ନୂଆପଡା ଜିଲା କୋମନା ବନାଞ୍ଚଳ ବିଜାଖମନ ନିକଟ ବିରୁନପଦର ଗାଁରେ ପୁଣି ୨୯ ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। ହାତୀ ବିଶେଷ କିଛି କ୍ଷୟକ୍ଷତି କରି ନାହିଁ, ଅଳ୍ପ କିଛି ଚାଷୀ ଧାନ ଫସଲ ନଷ୍ଟ କରିଛି। ଭୟରେ ଗ୍ରାମବାସୀ ବାହାରକୁ ବାହାରୁ ନ ଥିବା ବେଳେ ଚାଷ ଜମିକୁ ଯାଇପାରୁ ନାହାନ୍ତି। ପ୍ରାପ୍ତ ସୂଚନା ଅନୁସାରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଞ୍ଚଳରୁ ବାହାବଲ, ପେଣ୍ଡରାବନ ଦେଇ କୋମନା ବିଜାଖମନ ଭିତରେ ପ୍ରବେଶ କରି ଦିନସାରା ବିଜାଖମନ ଭିତରେ ରହି ସନ୍ଧ୍ୟାରେ ବିରୁପଦର ଗାଁ ଅଭିମୁଖେ ଯାଇଛି। ମାସକୁ ଦୁଇ/ତିନି ଥର କୋମନା ବ୍ଲକର ଅନେକ ଗାଁକୁ ପ୍ରବେଶ କରୁଥିବାରୁ ଚାଷୀମାନେ ଅତିଷ୍ଠ ହୋଇ ପଡିଲେଣି। ଭୟରେ ଚାଷୀ ଚାଷ କାମ ଠିକ ଭାବେ କରି କରିପାରୁ ନାହାନ୍ତି କିମ୍ବା ଚାଷଜମିକୁ ଯାଉ ନାହାନ୍ତି। ଏ ସଂକ୍ରାନ୍ତରେ କୋମନା ରେଞ୍ଜର ଦେବଦତ ସୁତାରଙ୍କୁ ପଚାରିବାରୁ ବନ ବିଭାଗ କର୍ମଚାରୀ ଓ ହାତୀ ଘଉଡାଇବା ଦଳ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ପାହାଡ ଓ ଜଙ୍ଗଲ ଥିବା ଅଞ୍ଚଳ ଗାଁରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିବା ସହିତ ଜଙ୍ଗଲ ଭିତରକୁ ପ୍ରବେଶ ନ କରିବା ପାଇଁ ସତର୍କ କରୁଛନ୍ତି। ଲୋକଙ୍କ ଅଭିଯୋଗ ଆମ ପାଖରେ ଆସି ନାହିଁ। ଅଭିଯୋଗ ଆସିବା ପରେ କ୍ଷୟକ୍ଷତିର ଆକଳନ କରି ସହାୟତା ଦିଆଯିବ ବୋଲି ରେଞ୍ଜର ସୁତାର କହିଛନ୍ତି।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଟେମରି ଚାମ୍ପିୟନ

**ସିନାପାଲି,୧୫।୧୨(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଘାଟମାଲ ପଞ୍ଚାୟତ ପୋଡାପଦରଠାରେ କ୍ରିଡା ଓ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ମା’ ବିଜାଗଛେନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଟେମରି ଦଳ ମନିଗାଁ ଦଳକୁ ୨ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଧର ନିଆଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଗିରିରାଜ ମାଝି, ସିନାପାଲି ବ୍ଲକ କଂଗ୍ରେସ ସଭାପତି ଜୟପାଳ ନାଗ, ଖୁଟୁରାମ ସୁନାନୀ, ମେଘନାଦ ଖର୍ସେଲ, ଘାଟମାଲ ସମିତି ସଦସ୍ୟ ତୁଳସୀ ରାମ ମାଝି, ନାଏକ ସରପଞ୍ଚ ବିରଞ୍ଚି ନାରାୟଣ ମାଝି, ଦୟିତାରି ମେହେର ମଞ୍ଚାସୀନ ଥିଲେ। ଫାଇନାଲ ଖେଳ ପରିଚାଳନ ଭାବେ ଦେବାଶିଷ ଯୋଶୀ, ଡୋଲାମଣି ବଛା, ଡୋଲାମଣି କଟା ଦାୟିତ୍ୱ ତୁଲାଇଥିବା ବେଳେ ଉଦଘୋଷକ ଭାବେ ମନୋଜ ଖମାରି, ପୀତାମ୍ବର ମାଝି, ଦାଦୁ ଖାଁ ଦାୟିତ୍ୱ ତୁଲାଇଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ମା’ ବିଜାଗଛେନ ଫୁଟବଲ ଟୁର୍ନାମେଣ୍ଟ କମିଟି ସଭାପତି ବିରଞ୍ଚିନାରାୟଣ ମାଝି, ସମ୍ପାଦକ ନେପାଳ ମାଝି, କେସିୟର ବନମାଳୀ ମାଝି, ସହସମ୍ପାଦକ ଓମକାର ମାଝି, ଘନଶ୍ୟାମ ମାଝିଙ୍କ ସମେତ କମିଟି ସଦସ୍ୟମାନେ ଦାୟିତ୍ୱ ତୁଲାଇଥିଲେ।

# ରେଳଧାରଣା ଡେଇଁ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର

**ଲାଠୋର, ୧୫।୧୨(ଡି.ଏନ.ଏ.)**

ରେଳଧାରଣା ଡେଇଁ ବିପଦପୂର୍ଣ୍ଣ ଅବସ୍ଥାରେ ପାଠ ପଢିବାକୁ ଯାଉଛନ୍ତି ଛାତ୍ରୀଛାତ୍ର। ଏହିପରି ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ। ହରିଶଙ୍କର ରୋଡ ଷ୍ଟେଶନର ଅନତି ଦୂର ରେଳଧାରଣାର ଗୋଟିଏ ପାର୍ଶ୍ୱରେ ରହିଛି ଦୁର୍ଗେଶ୍ୱରୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ। ବିଦ୍ୟାଳୟକୁ ଯିବା ପାଇଁ ପିପଲବାହାଲ ଦେଇ ଗୋଟିଏ ରାସ୍ତା ଏବଂ ଲାଠୋର ଥାନା ଦେଇ ଅନ୍ୟ ରାସ୍ତା ରହିଛି। ହେଲେ ଉଭୟ ରାସ୍ତାର ଦୂରତା ୨ରୁ ୩କି.ମି ପଡୁଥିବା ଯୋଗୁ ପିଲାମାନେ ହସ୍ପିଟାଲପଡା ନିକଟ ରେଳ ଧାରଣା ଡେଇଁ ଶର୍ଟକଟ୍ ରାସ୍ତାରେ ସ୍କୁଲକୁ ଯାଇଥାନ୍ତି। ଏପରିକି ଠିଆ ହୋଇଥିବା ଟ୍ରେନ୍ ତଳେ ଗଳି କରି ଯାଉଥିବା ଦେଖିବାକୁ ମିଳୁଛି। ପ୍ରତ୍ୟହ ଏହି ଧାରଣା ଦେଇ ଟ୍ରେନ ଚଳାଚଳ କରୁଥିବା ବେଳେ ପିଲା ପାର୍ ହେବା ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ସେଠାରେ ରେଳ ମନ୍ତ୍ରଣାଳୟ ଭୂତଳ ପୋଲ ଅଥବା ଓଭର ବ୍ରିଜ ବ୍ୟବସ୍ଥା କରୁନାହିଁ। ରେଲୱେ ଏ ନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ଶିକ୍ଷାବିତ୍ ଗଜମଣି ବାଗ କହିଛନ୍ତି।


ପିଲାମାନେ ରେଳଧାରଣା ପାର୍ ହେଉଛନ୍ତି।

# ଅଂଶଗ୍ରହଣ କଲେ ୪୫କଳାକାର ଅନୁଷ୍ଠାନ



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଲୋଇସିଂହା,୧୫।୧୨(ଡି.ଏନ.ଏ.)**

### ବ୍ଲକସ୍ତରୀୟ ଲୋକକଳା ସଙ୍ଗମ

ବଲାଙ୍ଗୀର ଜିଲା ଲୋଇସିଂହା ସୁରସଙ୍ଗମ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଲୋକକଳା ସଙ୍ଗମ ଉତ୍ସବ-୨୧ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୦୮ ଖଣ୍ଡ ଗ୍ରାମରୁ ୪୫ କଳାକାର ଅନୁଷ୍ଠାନର ଶତାଧିକ କଳାକାର ଅଂଶଗ୍ରହଣ କରିଥିଲେ। ସଂକୀର୍ତ୍ତନ୍ୟ, କରମସାନୀ, ଦଣ୍ଡନୃତ୍ୟ ଲୋକବାଦ୍ୟ, ଲୋକଗୀତ ମାଧ୍ୟମରେ ନିଜର ଲୁକ୍କାୟିତ ପ୍ରତିଭା ମଞ୍ଚରେ ପ୍ରଦର୍ଶନ କରି ଦର୍ଶକଙ୍କଠାରୁ ପ୍ରଶଂସା ସାଉଁଟିଥିଲେ। ଉତ୍ସବରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉପଜିଲାପାଳ ଲମ୍ବୋଦର ଧରୁଆ, କେନ୍ଦ୍ର ସରକାରଙ୍କ ଜନ ସମ୍ପର୍କ ବ୍ୟୁରୋର ଅଧିକାରୀ ବିଷ୍ଣୁଚରଣ ସାହୁ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆରମ୍ଭ କରାଯାଉଥିବା ‘ମୋ ପରେ ମୁଁ’ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହାର ଉଦ୍ଦେଶ୍ୟ ହେଉଛି ବଞ୍ଚିଥିବା ଯାଏ ରକ୍ତଦାନ ଓ ମୃତ୍ୟୁ ପରେ ଚକ୍ଷୁଦାନ। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ଚମରା ଚୌହାନ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ଜିଲା ଜଳ, ପରିମଳ ଓ ପରିଚ୍ଛନ୍ନତା(ୱସା)ର ସଂଯୋଜକ ତଥା ପରାମର୍ଶଦାତା ବିଜୟ କୁମାର ସାହୁ, ଆବାହକ ସରୋଜ ବିଶ୍ୱାଳ. ନିସାର ଅହମ୍ମଦ ନିସାର, ସରୋଜ ମହାକୁର, ସାଧୁରଣ ବିଶି ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ନିହାର ରଞ୍ଜନ ବେହେରା ତାଙ୍କ ବକ୍ତବ୍ୟରେ କଳା ଓ କଳାକାରଙ୍କ ବିକାଶ ପାଇଁ ରାଜ୍ୟ ସରକାର ଚେଷ୍ଟିତ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ କଳାକାରଙ୍କ ସମାଗମ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭା ସାମନାକୁ ଆସି ପାରିବ ବୋଲି କହିଥିଲେ। ବୟସର ସାୟାହ୍ନରେ ଉନ୍ନତ ଉନ୍ନତ କଳା ପ୍ରଦର୍ଶନ କରିଥିବା ପୁରୁଖା କଳାକାରମାନେ ଯୁବ କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ରଖିଥିଲେ ଅନ୍ୟତମ ଅତିଥି ସୁଶାନ୍ତ ବାରିକ। ଏହି ଅବସରରେ ମୃତ୍ୟୁ ପରେ ଚକ୍ଷୁଦାନ କରିଥିବା ଲୋଇସିଂହାର ବଜରଙ୍ଗଲାଲା ଅଗ୍ରୱାଲଙ୍କ ସ୍ତ୍ରୀ ସୁଶୀଲା ଦେବୀ, ଶ୍ୟାମସୁନ୍ଦର ସାହୁଙ୍କ ପୁଅ ପ୍ରଦ୍ୟୁମ୍ନ ସାହୁ, ତପେଇ ପଧାନଙ୍କ ସ୍ୱାମୀ ଅଲେଖ ପଧାନ ଓ ବାଦିବାହାଲ ଗ୍ରାମର ହରିଶ୍ଚନ୍ଦ୍ର ଭୋଇଙ୍କ ବଡ ଭାଇ ସୁବାସ ଭୋଇଙ୍କ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମରାମତି କାମ ନିମ୍ନମାନର ଅଭିଯୋଗ


ନିମ୍ନମାନର କାମ ଯୋଗୁ ରାସ୍ତାରୁ ପିଚୁ ଉଠିଥିବା ସ୍ଥାନରେ ଉପସ୍ଥିତ ଗ୍ରାମବାସୀ।

**ନୂଆପଡ଼ା ଅଫିସ,୧୫।୧୨**

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁରୁ ୩୫୩ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଥିବା ୪ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ମରାମତି କାର୍ଯ୍ୟ ନିମ୍ନମାନ ହେଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ରାସ୍ତା ମରାମତିରେ ଧୂଳି ସଫା ନ କରି କିମ୍ବା ପ୍ରାଇମର ନ ଦେଇ ପିଚୁ ଢାଳି ଦିଆଯାଉଛି। ପିଚୁ ଢାଳିବା ସମୟରେ ଠିକ ଭାବେ ରୁଲର ମଡାଯାଉ ନ ଥିବାରୁ ସାଧାରଣ ଲୋକ ଚାଲି ଯାଉଥିଲେ ରାସ୍ତାରୁ ପିଚୁ ବାହାରି ଯାଉଛି। ସିହିନାମୁଣ୍ଡା ଗ୍ରାମବାସୀ କାର୍ଯ୍ୟସ୍ଥଳକୁ ଆସି ଉପସ୍ଥିତ ବିଭାଗୀୟ ଯନ୍ତ୍ରୀ ରଞ୍ଜିତ ସୋରେନଙ୍କୁ ଘେରାଉ କରି କାର୍ଯ୍ୟ ବନ୍ଦ କରିବା ପାଇଁ ଦାବି କରିଥିଲେ ମଧ୍ୟ କାର୍ଯ୍ୟ ବନ୍ଦ ନ କରି ବର୍ତ୍ତମାନ କାମ ଚାଲିଛି। ଠିକାଦାର ଓ ବିଭାଗୀୟ କର୍ମଚାରୀଙ୍କ ସଳାସୁତରାରେ ସବୁ କାମ ଚାଲିଛି। କେବଳ ସହିନାମୁଣ୍ଡା ରାସ୍ତା କାମ ନୁହେଁ, ଜିଲାରେ ଅନେକ ରାସ୍ତାର ସମାନ ପରିସ୍ଥିତି। ଜିଲା ପ୍ରଶାସନଠାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଏ ସଂକ୍ରନ୍ତରେ ଯନ୍ତ୍ରୀ ରଞ୍ଜିତ ସୋରେନଙ୍କୁ ପଚାରିବାରୁ ମରାମତି କାମରେ ପ୍ରାଇମର ଦେବା ବ୍ୟବସ୍ଥା ନାହିଁ, କାମ ଭଲ ଚାଲିଛି ବୋଲି କହିଥିଲେ। ଠିକାଦାର ଅମନ ଖାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ପାରିନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଉଚ୍ଚସ୍ତରୀୟ ତଦନ୍ତ କରି ଅସାଧୁ ଠିକାଦାର ଓ ବିଭାଗୀୟ କର୍ମଚାରୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି କପିଳେନ୍ଦ୍ର ହଂସ, ଶଶି ମିର୍ଦ୍ଧା, ଦୁଃଖିଶ୍ୟାମ ହଂସ, ଝସକେତନ ରଉତି, କୃଳମଣି ହଂସ, ପ୍ରମୋଦ ହଂସ, ଅର୍ଜ୍ଜୁନ କଠାର, ନିରଞ୍ଜନ ହଂସ, ଘଟକଚ ହଂସ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଗରଗଡ଼ବାହାଲ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ



ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ ସଭାରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

**ମୁରିବାହାଲ, ୧୫।୧୨(ଡ.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗରଗଡବାହାଲ ଗ୍ରାମପଞ୍ଚାୟତର ନୂତନ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ସରପଞ୍ଚ ଭକ୍ତବନ୍ଧୁ ଛାତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ, ଉପାଧକ୍ଷ ସୁନ୍ଦରମତୀ ବାଗ, ବିଡିଓ ପ୍ରିୟରଞ୍ଜନ କୁମ୍ଭର, ଜିଲା ପରିଷଦ ସଭ୍ୟ ବେଲାଳସେନ ବେହେରା, ସମିତି ସଭ୍ୟ କୃପାସିନ୍ଧୁ ଭୋଇ, ସାମାଜିକ କର୍ମୀ ସୁରଥ ବେହେରା, ଭଗବାନ ମହାନ୍ତି, ହଳଦୀ ସରପଞ୍ଚ ଗୋପୀନାଥ ପାଣିଗ୍ରାହୀ, ଭଗବାନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ସମସ୍ତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଭୂମିଦାତା ଆଁଏଠା ପତର ବେହେରା, ତୀର୍ଥବାସୀ ବେହେରା, ଗୌନ୍ତିଆ ଜିତେନ୍ଦ୍ର ଭୋଇ, ଝଙ୍କାର କ୍ଷୀରସିନ୍ଧୁ ଭୋଇ, ପୂଝାରୀ ଜାନୀଙ୍କୁ ସ୍ୱତନ୍ତ୍ରଭାବେ ସର୍ମ୍ବଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନାର ନକୁଳ ମଂଝି, ଜିଅର୍‌ସ ପ୍ରେମିଶ କର୍ମୀ, ନାଏବ ସରପଞ୍ଚ ସିଲତା ହାତୀ, ଈଶ୍ୱର ସିକା ପ୍ରମୁଖ ସହଯୋଗ କରିଥିଲେ। ନିର୍ବାହୀ ଅଧିକାରୀ ଆନନ୍ଦ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବରଗଡ଼ ଅଫିସ୍:** ବରଗଡ଼ ଜିଲା କୁବେଡ଼େଗା ପଞ୍ଚାୟତ ଅନ୍ତର୍ଗତ ଖଗସିପାଲି ଗ୍ରାମରେ ବୁଧବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ବିଷ୍ଣୁପ୍ରିୟା ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇ କଲ୍ୟାଣ ମଣ୍ଡପ ରନ୍ଧାଘର, ଥଣ୍ଡା ପାନୀୟଜଳ ପ୍ରକଳ୍ପ, ସ୍କୁଲ ଗେଟ୍, ପାଚେରି ଆଦି ଉଦ୍‌ଘାଟନ କରିଥିଲେ। ଭାରତୀୟ ସେନାରେ କାର୍ଯ୍ୟରତ ଜୁନିୟର କମିଶନ ଅଫିସର ନିର୍ମଳ ଦେହେରୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସାମାଜିକ କର୍ମୀ ଅଶୋକ ମହାକୁର, ନାଏବ ସରପଞ୍ଚ ରାଜକୁମାର ପ୍ରଧାନ, ଅଧିକାରୀ ମେହେର, ଟଙ୍କଧର ସାହୁ, ସ୍କୁଲର ପ୍ରଧାନଶିକ୍ଷକ ପବିତ୍ର ସାହୁ, ସହକାରୀ ଶିକ୍ଷକ ଲବ ଭୋଇ, ଅନନ୍ତ ପ୍ରଧାନ, ଶିକ୍ଷୟିତ୍ରୀ ଅନିତା ସାହୁ, ସ୍କୁଲ ପରିଚାଳନା କମିଟିର ସଦସ୍ୟବୃନ୍ଦ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଉତ୍ପଳ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲାପାଳ ଅଫିସ ଆସି ଚାଷୀ ନିରାଶ

**ବରଗଡ଼ ଅଫିସ,୧୫।୧୨**

ବିପର୍ଯ୍ୟୟ ସମୟରେ ଚାଷୀଙ୍କ କ୍ଷତି ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ କରାଯାଇଛି। ତେବେ ଘରୋଇ ବୀମା କମ୍ପାନୀ ଦ୍ୱାରା ଏହି ଯୋଜନା ନିୟନ୍ତ୍ରିତ ହେଉଥିବା ଯୋଗୁ ଏହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ଚାଷୀଙ୍କଠାରୁ ବୀମା ପ୍ରିମିୟମ ନେଇ ବୀମା କମ୍ପାନୀ ଫାଇଦାରେ ରହୁଛି ଏବଂ ବିପର୍ଯ୍ୟୟ ଆସିଲେ ବିଭିନ୍ନ ଆଳରେ ଚାଷୀମାନେ ଭରିଥିବା ବୀମା ଆବେଦନ ରଦ୍ଦ କରିବା ଭଳି ଅଭିଯୋଗ ହୋଇଛି। ବରଗଡ଼ ଜିଲାରେ ବୀମା କମ୍ପାନୀ ଏଭଳି ମନମୁଖି କାରବାର ଚଳାଇ ଥିବା ଯୋଗୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ବୁଧବାର ରାଜବୋଡ଼ାସମ୍ବର କୃଷକ ସଂଗଠନ ନେତୃତ୍ୱରେ ଶତାଧିକ ଚାଷୀ ବାଇକ୍ ରାଲିରେ ଆସି ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଷୀମାନେ ଧାରଣାରେ ବସିଥିଲେ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ । ଫଳରେ ଚାଷୀ ଅସନ୍ତୋଷ ଦ୍ୱିଗୁଣିତ ହୋଇଛି ଏବଂ ଆସନ୍ତା ୨୭ତାରିଖରୁ ପଦ୍ମପୁର ଉପଜିଲାପାଳ ଅଫିସ ଆଗରେ ଆନ୍ଦୋଳନକୁ



ଜିଲାପାଳ ଅଫିସ ଆଗରେ ଚାଷୀଙ୍କ ଧାରଣା, ବିକ୍ଷୋଭ।

ଆହୁରି ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଶତାଧିକ ଚାଷୀ ଏଠାରୁ ପ୍ରାୟ ୮୦କି.ମି ଦୂର ପଦ୍ମପୁରରୁ ବାଇକ୍ ରାଲିରେ ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପୂର୍ବରୁ ପୋଲିସ ଜିଲାପାଳ ଅଫିସ ମୁଖ୍ୟ ଫାଟକ ବନ୍ଦ କରିଦେଇଥିଲା। ଏହାପରେ ସେମାନେ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିଲେ। ଗତବର୍ଷ ଖରିଫରେ ବୀମା ସହାୟତାରୁ ବଞ୍ଚିତ ୧୨୦୦ଯୋଗ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ, ଗତ ରବି ଫସଲ କ୍ରପକଟିଂ ରିପୋର୍ଟ ସାର୍ବଜନୀନ କରିବା, କ୍ରପକଟିଂ ସମୟରେ ବୀମା କମ୍ପାନୀର ମନମାନି ବନ୍ଦ କରିବା, ବିନା କାରଣରେ ବୀମା କମ୍ପାନୀ ରଦ୍ଦ କରିଥିବା ଚାଷୀଙ୍କ ବୀମା ଆବେଦନକୁ ସଚଳ କରିବା ଦାବିରେ ଚାଷୀମାନେ ନାରାବାଜି କରିଥିଲେ। ଏହା ସହିତ ଆସନ୍ତା ରବି ଫସଲ ପାଇଁ ଡିସେମ୍ବର ୩୧ତାରିଖ ସୁଦ୍ଧା ବୀମା ଆବେଦନ କରିବା ଅବଧି ଥିବାବେଳେ ଗତ ୧୫ତାରିଖରୁ କାହିଁକି ବୀମା ଆବେଦନକୁ ବନ୍ଦ କରି ଦିଆଯାଇଛି ବୋଲି ଚାଷୀମାନେ ପ୍ରଶ୍ନ କରିଥିଲେ।

ରାଜବୋଡ଼ାସମ୍ବର କୃଷକ ସଂଗଠନର ଆବାହକ ଅଶୋକ ସାହୁ, ଚାଷୀନେତା ରମେଶ ମହାପାତ୍ର, ପଦ୍ମପୁରର ଅଜିତ ଶତପଥୀ, କୈଳାସ ପ୍ରଧାନ, ରୋହିତ ପ୍ରଧାନ, ଝାରବନ୍ଧର ଅଶୋକ ସାହୁ, ପାଇକମାଳର ରାହାସ ସାହୁ, ବିଜେପୁରର ସୁବାସ ପ୍ରଧାନ, ଗାଇସିଲେଟର ବୀରେନ୍ଦ୍ର ପ୍ରଧାନ, ଭେଡ଼େନର ସରୋଜ ପ୍ରଧାନ, ସୋହେଲାର ଅମିତ ପ୍ରଧାନ, ବରପାଲିରେ ଧର୍ମରାଜ ଦେହେରୀ, ଭଟଲିର ଶାନ୍ତନୁ ପ୍ରଧାନ ପ୍ରମୁଖ ଉପରୋକ୍ତ ଦାବି ନେଇ ଉଦ୍‌ବୋଧନ ଦେଇଥିଲେ। କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚିଲେ ସେମାନଙ୍କ ଦାବି ସମୂହ ଜଣାଇବାକୁ ଚାଷୀମାନେ ଚାହିଁଥିଲେ। କିନ୍ତୁ ଜିଲାପାଳ ଅଫିସରୁ କେହି ଅଧିକାରୀ ଧାରଣାସ୍ଥଳକୁ ଆଲୋଚନା ପାଇଁ ଆସି ନଥିଲେ। କେତେକ ଚାଷୀ ସାଙ୍ଗରେ ଆଣିଥିବା ଦରଖାସ୍ତକୁ ଜିଲାପାଳ ଅଫିସରେ ପକାଇ ଦେଇ ନିରାଶରେ ଘରକୁ ଫେରିଥିଲେ।

**ବୀମା କମ୍ପାନୀ ଚଞ୍ଚକତାର ପ୍ରତିବାଦ**

- ପଦ୍ମପୁରରୁ ବରଗଡ଼କୁ ବାଇକ୍ ରାଲି
- ଜିଲାପାଳ ଅଫିସ ଆଗରେ ବିକ୍ଷୋଭ
- ଆନ୍ଦୋଳନକୁ ପ୍ରଶାସନର ଅଣଦେଖା
- ୨୭ରୁ ଆନ୍ଦୋଳନ ତୀବ୍ର ଚେତାବନୀ

## ସଂକ୍ଷେପରେ

### ଯବାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ



**ଜାମଟିକ୍ରା,୧୫।୧୨(ଡି.ଏନ.ଏ.):** ବରଗଡ ଜିଲା ଅନ୍ତର୍ଗତ ବ୍ଲକ ଗଡତିଆଟିକ୍ରାରେ ବୁଧବାର ଦିବଂଗତ ବିଏସଏଫ ଯବାନ ଯଦୁମଣି ଭୁଏଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ପୀତାମ୍ବର ସିଂହ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଟ, ଜିଲା ଭାଜପା ସାଧାରଣ ସମ୍ପାଦକ କୁଶ କୁମ୍ଭାର, ଉପସଭାପତି ସୁଶାନ୍ତ ମିଶ୍ର, ସମ୍ପାଦିକା କ୍ଷିରେଶ୍ୱରି ସୁଆଁର, ଅର୍ଚ୍ଚନା ବାଗ, ଅବସରପ୍ରାପ୍ତ ସୈନିକ କାଶି ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଜମ୍ମୁ-କଶ୍ମୀରରେ କାର୍ଯ୍ୟରତ ଯଦୁମଣୀଙ୍କର ଅସୁସ୍ଥତା ଯୋଗୁ ୨୦୨୦ ଜୁଲାଇ ୨୬ତାରିଖରେ ମତ୍ୟୁ ହୋଇ ଯାଇଥିଲା।

### କୁଷ୍ଠାଶ୍ରମରେ କୋସଲି ଗୀତା ସାର ଉନ୍ମୋଚିତ



**ସୋନପୁର,୧୫।୧୨(ନି.ପ୍ର.):** ସୁବର୍ଣ୍ଣପୁର ସହରସ୍ଥିତ କୁଷ୍ଠାଶ୍ରମରେ ଗୋରେଖନାଥ ସାହୁଙ୍କ ଲିଖିତ ପୁସ୍ତକ କୋସଲି ଗୀତା ସାର ବୁଧବାର ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସାହୁ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ କମ୍ବଳ ବଣ୍ଟନ କରିଥିଲେ। ଗୀତା ପାଠ ଦ୍ୱାରା ମାନସିକ ଶାନ୍ତି ମିଳିଥାଏ ବୋଲି ସେ ଅନ୍ତେବାସୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଲେପ୍ରା ଇଣ୍ଡିଆ ସୋସାଇଟିର ସଂଯୋଜକ ନୃସିଂହ ମିଶ୍ର ସହଯୋଗ କରିଥିଲେ। ଲେପ୍ରା ଇଣ୍ଡିଆ ପକ୍ଷରୁ ଓଡିଶା ପାଇଁ ଆମ୍ବାସଡର ନିଯୁକ୍ତ ହେବା ପରେ ସାହୁ ଲେପ୍ରା ଇଣ୍ଡିଆ ସହ ସମ୍ପୃକ୍ତ କେତେକ ଅନୁଷ୍ଠାନ ପରିଦର୍ଶନ କରି ତାହାର ଉନ୍ନତିକରଣ ସକାଶେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି ।

### ଜଙ୍ଗଲ ଜମି ପଟ୍ଟା ବଣ୍ଟନ

**ଘଣ୍ଟାପଡା,୧୫।୧୨(ଡ.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲୁଟାଯୋର ପଞ୍ଚାୟତରେ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ମହାଧର ରଣା, ବୌଦ୍ଧ ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, କଣ୍ଟାମାଳ ଅତିରିକ୍ତ ତହସିଲଦାର ସୁଶୀଲ କୁମାର କୁଅଁର, ପ୍ରେମରାଜ ଜଣା ଯୋଗଦେଇ ୨୪ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ।

### ମୋହନ ପଟ୍ଟନାୟକ ସୁରୁତା ଉତ୍ସବ

**ବରପାଲି,୧୫।୧୨(ଡି.ଏନ.ଏ):** ଓଡ଼ିଶା ଭାଷା ସାହିତ୍ୟ ଓ ସାଂସ୍କୃତିକ ବିଭାଗ ଏବଂ ବରପାଲି ନୁପୁର କ୍ଲବର ମିଳିତ ଆନୁକୂଲ୍ୟରେ ବୁଧବାର ଅଷ୍ଟମ ଫକୀର ମୋହନ ପଟ୍ଟନାୟକ ସୁରୁତା ଉତ୍ସବ ସ୍ଥାନୀୟ ଜଗବନ୍ଧୁ ଦାଶ ଡିଗ୍ରୀ ମହିଳା କଲେଜରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟୋକ୍ତା ପରମାନନ୍ଦ ସ୍ୱାଇଁ ସଭା ପରିଚାଳନା କରିଥିଲେ। ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ସଂସ୍କୃତି ବିଶେଷଜ୍ଞ ସପନ ମିଶ୍ର, ଯୁକ୍ତତିନି କଲେଜ ଅଧ୍ୟକ୍ଷା ପଦ୍ମିନୀ ଦାଶ, ଯୁକ୍ତଦୁଇ କଲେଜ ଅଧ୍ୟକ୍ଷ ପ୍ରଦୀପ ମେହେର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିବୃନ୍ଦ ସଙ୍ଗୀତଜ୍ଞ ସ୍ୱର୍ଗତ ଫକୀର ମୋହନ ପଟ୍ଟନାୟକଙ୍କ ପ୍ରତିଛବିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କ୍ଲବ ସଭାପତି ସଂଗ୍ରାମ କେଶରୀ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭ୍ୟ ଅଜିତ ଛତ୍ରିଆ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଳାକାର ଦୁର୍ଗା ଦାଶ ଏବଂ ସୁଶିଳା ନାୟାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର କଳାକାର କଣ୍ଠଶିଳ୍ପୀ ଗଗନ ବାଗ, ଭରତ ଗରଡ଼ିଆ, ବୁଲୁ ପଣ୍ଡା, ପଦ୍ମିନୀ ଦୋରା ସଙ୍ଗୀତ ପରିବେଷଣ କରିଥିଲେ। ଭବାନୀପାଟଣାର ଶୁଭମ, ସମ୍ବଲପୁରର ରଙ୍ଗ ଫଗୁଆ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ ।

# କ୍ରିକେଟ: ତ୍ରିବଣପୁର ସେମିଫାଇନାଲରେ

**ଅମରପାଲି,୧୫।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଜେମସ ଷ୍ଟାର କ୍ଲବ ଓ ଫ୍ରେଣ୍ଡସ କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା ୨୯ତମ ଅମରପାଲି କ୍ରିକେଟ କପର ବୁଧୁବାର ଥିଲା ପଞ୍ଚମ ଦିବସ। ପ୍ରଥମ ମ୍ୟାଚ ଲାଙ୍ଗବାହାଲ ଓ ତ୍ରିବଣପୁର ମଧ୍ୟରେ ହୋଇଥିଲା। ଲାଙ୍ଗବାହାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରେଇ ୮୪ ରନ କରିଥିଲା। ଜବାବରେ ତ୍ରିବଣପୁର ଦଳ ୮.୪ ଓଭରରେ ୫ ଉଇକେଟ ହରାଇ ୮୫ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ବାରର୍ଲେ (ସମ୍ବଲପୁର)ମଧ୍ୟରେ ହୋଇଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୩ ଉଇକେଟ ହରାଇ ୧୦୯ ରନ କରିଥିଲା। ଜବାବରେ ବାରର୍ଲେ ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୮୭ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ତ୍ରିବଣପୁର ଓ ଦ୍ୱିତୀୟ ମ୍ୟାଚ ବିଜେତା ଅମରପାଲି ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୬୮ ରନ କରିଥିଲା। ଜବାବରେ ତ୍ରିବଣପୁର ଦଳ ୭.୫ଓଭରରେ ୭ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭାଜପା ନେତା ରଘୁବୀର ପାଣିଗ୍ରାହୀ ଓ ଦୁର୍ଜନତୈଲା ସମିତି ସଭ୍ୟ ଦିଲୀପ ଜଗଦଲା ଅତିଥିଭାବେ ଯୋଗଦେଇ ତ୍ରିବଣପୁରର ମନରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳଗୁଡିକରେ ଅନନ୍ତ ପ୍ରଧାନ, ସୁରେଶ ବିଶି, ପ୍ରବୀଣ ଦାସ ଓ ଶ୍ରୀତମ ପ୍ରଧାନ ଅମ୍ପେୟାର, ବନମାଳୀ ଗୌନ୍ତିଆ ସ୍କୋରିଂ, ନିତମ ରଞ୍ଜନ ପ୍ରଧାନ ଅନଲାଇନ ସ୍କୋରିଂ ଏବଂ ତନୁଜରାଜ ସାହୁ ଓ ନିହାର ରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।




ତ୍ରିବଣପୁରର ମନୋରଞ୍ଜନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ମଣ୍ଡିରୁ ଧାନ ଉଠୁନି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ,୧୫।୧୨**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକିୟାକୁ ବୁଧବାର ୩ସପ୍ତାହ ପୂରିଛି। ତଥାପି ଧାନ ଉଠାଣ ମନ୍ଥର ହୋଇପଡ଼ିଛି। ଫଳରେ ଜିଲାର ବିଭିନ୍ନ ମଣ୍ଡି ସମେତ କ୍ଷେତ, ଖଳାରେ ଚାଷୀଙ୍କ ବହୁ ପରିମାଣ ଧାନ ଖୋଲା ଆକାଶତଳେ ପଡ଼ି ରହିଛି। ଅତାବିରା ଆରଏମ୍‌ସି ଅଧୀନ ଭେଡ଼େନ ବ୍ଲକର ପଧାନପାଲି ଧାନ କ୍ରୟକେନ୍ଦ୍ରରେ ଅନୁରୂପ ସ୍ଥିତି ଉପୁଜିଛି। ମିଲର୍ସମାନେ ଠିକ୍‌ଭାବେ ଧାନ ଉଠାଇବା ପାଇଁ ଆସୁ ନଥିବା ଯୋଗୁ ଚାଷୀଙ୍କ ଟୋକନ ଅବଧି ସରିଯିବା ଆଶଙ୍କା ଦେଖାଯାଇଛି। ଏଭଳି ଆଶଙ୍କା କରି ପଧାନପାଲି ଅଞ୍ଚଳର ଚାଷୀମାନେ ବୁଧବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ବୁଧବାର ସୁଦ୍ଧା ପଧାନପାଲି ଧାନ କ୍ରୟକେନ୍ଦ୍ରରେ ପ୍ରାୟ ୮ହଜାର ବସ୍ତା ଧାନ ସଂଗୃହୀତ ହୋଇଛି। ତେବେ ମିଲର୍ସମାନେ ଠିକ୍‌ଭାବେ ଉକ୍ତ ଧାନକ୍ରୟ କେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଲୋକ ଦେଖାଣିଆଭାବେ ୩/୪ଦିନ ବ୍ୟବଧାନରେ ଗୋଟିଏ କିମ୍ବା ୨ଟି ଟ୍ରକ ଆସି ଧାନ ଉଠାଇ ନେଉଛନ୍ତି। କିନ୍ତୁ ଉକ୍ତ କ୍ରୟକେନ୍ଦ୍ରରେ ସଂଗୃହୀତ ଧାନ ଅନୁପାତରେ ତାହା ଉଠାଯାଉ ନାହିଁ। ଏଥିଯୋଗୁ ବହୁ ପରିମାଣରେ ଧାନ ବିକ୍ରି ହୋଇ ନ ପାରି ସେଠାରେ ପଡ଼ି ରହିଥିବା ଚାଷୀମାନେ କହିଛନ୍ତି। ଫଳରେ ଉକ୍ତ କ୍ରୟକେନ୍ଦ୍ରରେ ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। କିଶୋର ଚନ୍ଦ୍ର ମାଝି, ଯଦୁମଣି ସାହୁ, ଦୟାନିଧି ପ୍ରଧାନ, ନରେଶ ସାହୁ, କ୍ଷୀରୋଦ ମାଝିଙ୍କ ସମେତ ଅନେକ ଚାଷୀ ଜିଲାପାଳ ଅଫିସକୁ ଆସିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

# ବ୍ୟଞ୍ଜନ ଦ୍ୱାଦଶୀରେ ଲାଗି ହେଲା ୬୪ ପ୍ରକାର ଭୋଗ

**ସୋନପୁର, ୧୫।୧୨(ନି.ପ୍ର.)**

ସୋନପୁର ସହରର ଘୋଡାଘାଟ ପଡାସ୍ଥିତ ରାଧାମାଧବ ଭଗବତ ମନ୍ଦିରରେ ବୁଧବାର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ରାଧାକୃଷ୍ଣଙ୍କ ନିକଟରେ ୬୪ପ୍ରକାର ସ୍ୱାଦିଷ୍ଟ ଭୋଗ ଲାଗି ହୋଇଛି। ସମସ୍ତଙ୍କ ମଙ୍ଗଳ କାମନା ପାଇଁ ପ୍ରତିବର୍ଷ ଭଳି ବିଧି ଅନୁଯାୟୀ ପୂଜା ହୋଇଥିଲା। ସ୍ଥାନୀୟ ଜନସାଧାରଣ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ଧର୍ମପତ୍ନୀ ମୈଥିଳିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମାରୋହରେ ସମ୍ପନ୍ନ ହୋଇଛି। ପୂଜକ ବ୍ୟାସଦେବ ଶତପଥୀ, ପଣ୍ଡିତ ଆନନ୍ଦ ପୂଜାହାରୀ, ଗୋପାଳ ପୂଜାହାରୀ, ମୈଥାଲି ପଣ୍ଡା, ଘାସିରାମ ମିଶ୍ର, ସହଯୋଗୀ ସୂର୍ଯ୍ୟ ଦାଶ, ଦାମୋଦର ନାୟକ ଓ ଗୋପାଳ ପଧାନ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।



# ଧାରଣାରେ ବସିଲେ ଶିକ୍ଷକ



ଶିକ୍ଷୟିତ୍ରୀ ଶିକ୍ଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ସୋନପୁର,୧୫।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନର ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନଥିବାରୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପୁଣି ଆନ୍ଦୋଳନ ଆରମ୍ଭ ହୋଇଛି। ବୁଧବାର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ଓ ଶୁକ୍ରବାରଠାରୁ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଆମରଣ ଅନଶନରେ ବସିବେ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ରଥ କହିଛନ୍ତି। ଶିକ୍ଷକ ପଦୋନ୍ନତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା କାରଣରୁ ଶତାଧିକ ଶିକ୍ଷକ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲାରେ ଖାଲିଥିବା ଶିକ୍ଷକ ପଦବୀ ଲେଭେଲ-୫(କ)ରୁ ୫(ଖ)କୁ ପଦୋନ୍ନତି ମାଧ୍ୟମରେ ପୂରଣ କରିବା। ମୁଖ୍ୟମନ୍ତ୍ରୀ ଦେଇଥିବା କୋହଳ ସମୟସୀମା ୩୦.୬.୨୨ ମଧ୍ୟରେ ଏହି ଶିକ୍ଷକ ମାନଙ୍କ ପୁନଃ ପଦୋନ୍ନତିକୁ ସୁନିଶ୍ଚିତ କରିବା ଆଦି ଦାବି ନେଇ ନଭେମ୍ବର ମାସ ୨୫ ତାରିଖ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତୀକାତ୍ମକ ଧାରଣା ଦିଆଯାଇଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଶିକ୍ଷକ ସଂଘ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଦୁଇ ଦଫା ଦାବି ଦୁଇ ଦିନ ମଧ୍ୟରେ ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ତେବେ ଦାବି ପୂରଣ ନ ହେବାରୁ ସଂଘ ପକ୍ଷରୁ ପୁଣି ଆନ୍ଦୋଳନ ଆରମ୍ଭ ହୋଇଛି । ଶିକ୍ଷକ ହୃଷିକେଶ ଚାନ୍ଦ, ଦୋଳଗୋବିନ୍ଦ ପଣ୍ଡା, ଦିଲ୍ଲିପ ମିଶ୍ର, ସଞ୍ଜୟ ପଣ୍ଡା, ସୁରେଶ ପଧାନ, ମମତା ବେହେରା, ସୁପ୍ରଭା ପାଣିଗ୍ରାହୀ, ମନୋଜ ସାହୁ, ଟିକେଶ୍ୱର ପାଣ୍ଡିଆ ଓ ଅର୍ଜୁନ ମେହେର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

**ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଲାନି**

# ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

**ଅମ୍ବାଭୋନା,୧୫।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ବିଭିନ୍ନ ପ୍ରକଳ୍ପ ପାଇଁ ବୁଧବାର ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଶିଳାନ୍ୟାସ କରିଛନ୍ତି। ଉତ୍ତମ ପଞ୍ଚାୟତରେ କଲ୍ୟାଣ ମଣ୍ଡପ, ନୂତନ ଶ୍ରେଣୀଗୃହ, ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ର କାର୍ଯ୍ୟାଳୟ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବାସଗୃହ, ଅଙ୍ଗନୱାଡ଼ି କେନ୍ଦ୍ର ଆଦି ପ୍ରକଳ୍ପର ସେ ଶିଳାନ୍ୟାସ କରିଥିଲେ। ସେହିପରି ଲେଲେହରଠାରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିର, ଉଦେଇପାଲିର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମଧ୍ୟ ମନ୍ତ୍ରୀ ସିଂ ଭୂମିପୂଜନ କରିବା ସହିତ ଉତ୍ତମ ପଞ୍ଚାୟତର ୩୩୨ଜଣଙ୍କୁ ନୂତନ ଶ୍ରମକାର୍ଡ଼ ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ହୀରାଧର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବ୍ଲକ ଅଧ୍ୟକ୍ଷା ନୀଳକୁମାରୀ ନାୟକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ।



ମନ୍ତ୍ରୀ ସୁଶାନ୍ତ ସିଂ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ତଦନ୍ତ କଲା ସାଇଣ୍ଟିଫିକ ଟିମ୍

**ଘର ତାଲାଭାଙ୍ଗି ସୁନାଗହଣା ଲୁଟ୍ ଘଟଣା**

**ଅମରପାଲି,୧୫।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଲାଡୁରପେଟ ସୌରନଗରରେ ଶିକ୍ଷକ ଦମ୍ପତିଙ୍କ ଘରୁ ଏକ ବଡ ଧରଣର ଲୁଟ୍ ହୋଇଥିଲା। ଘରେ କେହି ନ ଥିବାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ୬୦ ହଜାରରୁ ଅଧିକ ଟଙ୍କା ନେଇ ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ। ବୁଧବାର ବଲାଙ୍ଗୀରରୁ ପ୍ରକାଶ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଚାରିଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଛି। ସମ୍ବଲପୁରରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ସନ୍ଧାନୀ କୁକୁର ଚୋରି ହୋଇଥିବା ଶିକ୍ଷକ ଧର୍ମୁ କୁମାର ଶତପଥୀଙ୍କ ଘରୁ ବାହାରି ଭୋଇପାଲି ବାଟ ଦେଇ ଜଳସେଚନ ଡାକବଙ୍ଗଳା ପର୍ଯ୍ୟନ୍ତ ଆସିବା ପରେ ଆଗକୁ ଯାଇ ନ ଥିଲା। ଏଣୁ ଏଠାରୁ ଚୋରମାନେ ବାଇକ ବା ଚାରିଚକିଆ ଯାନରେ ଫେରାର୍ ହୋଇ ଯାଇଥିବା ପୋଲିସ ଅନୁମାନ କରୁଛି। ବୀରମହାରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ସବ ଇନ୍ସପେକ୍ଟର ପ୍ରଭାତୀ ଦାସ ତଦନ୍ତ ଚଳାଇଛନ୍ତି। ଚୋରମାନେ ଦୁଇଟି ସୁନା ହାର, ୭ ସୁନା ଚେନ, ୧୭ ସୁନାର ମୁଦି, ଦୁଇଟି ଖଡ୍ଡୁ, ରୁପାର ପାଞ୍ଚ ହଳ ପାଉଞ୍ଜି ସହ ଅନ୍ୟାନ୍ୟ ସୁନା ଗହଣା ସହିତ ୬୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି କରି ଫେରାର୍ ହୋଇଯାଇଛନ୍ତି ଦୁର୍ବୃତ୍ତ।

## ଗଞ୍ଜେଇ ବୋଝେଇ କାର୍ ଜବତ, ୨ ଗିରଫ

**ସୋନପୁର,୧୫।୧୨(ନି.ପ୍ର.)**

ସୋନପୁର ଅବକାରୀ ବିଭାଗ ପକ୍ଷରୁ ସହରର କୁଞ୍ଜ ଛକଠାରେ ଚଢାଉ କରାଯାଇ ବୁଧବାର ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ରୁଣ୍ଡିମହୁଲ ଅଞ୍ଚଳର ରାଜୁ ସେଠୀ ଓ ମନମୁଣ୍ଡା ଥାନା ପଲସାଗୋରା ଅଞ୍ଚଳର ପଦ୍ମଲୋଚନ ସେଠୀଙ୍କୁ ଗିରଫ କରାଯାଇଛି। ଉଭୟ ଏକ କାର୍ ନଂ ଓଆର୦୨ବି-ଟି୩୫୮୧ରେ ଗଞ୍ଜେଇ ଚାଲାଣ କରୁଥିଲେ। ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ନଳିନୀ ଛକରେ କାର୍ ତନଖି ସମୟରେ ୫କିଲୋ ଗଞ୍ଜେଇ ମିଳିଥିଲା।

## ବେତନ ବୃଦ୍ଧି ଦାବି କଲେ କୃଷି କର୍ମଚାରୀ

**ବରଗଡ଼ ଅଫିସ,୧୫।୧୨**

ଭଟଲି କୃଷି ଜିଲା ଅଧୀନରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ ବୁଧବାର ବିଭିନ୍ନ ଦାବି ନେଇ ଜିଲା କୃଷି ଅଧିକାରୀ ଦାମୋଦର ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବେତନ ବୃଦ୍ଧି, ସେବା ପୁସ୍ତିକା ଖୋଲିବା ଆଦି ଦାବି କରିଛନ୍ତି। ଗତ ୨୦୧୫ ମସିହାରୁ ସେମାନେ ସ୍ଥାୟୀ କର୍ମଚାରୀଭାବେ କାର୍ଯ୍ୟ କରି ଆସୁଛନ୍ତି। ମାତ୍ର ସେମାନଙ୍କ ବେତନ ବୃଦ୍ଧି କରାଯାଉ ନଥିବା ଗ୍ରାମ୍ୟ କୃଷି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବା ପାଇଁ ସେମାନେ ଜିଲା କୃଷି ଅଧିକାରୀଙ୍କୁ ନିବେଦନ କରିଛନ୍ତି। ହରିପ୍ରିୟା ପ୍ରଧାନ, ଶିବାନୀ ଓରାମ, ମମତା ମହାନନ୍ଦ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ମହାଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା

**ଅମ୍ବାଭୋନା,୧୫।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବଡ଼ଧରା ଗ୍ରାମରେ ମହାଲକ୍ଷ୍ମୀ ପୂଜା ପାଇଁ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପଣ୍ଡିତ କୈଳାସ ପଣ୍ଡା, ସୁରେନ ମିଶ୍ର, ସଂସାର ପଣ୍ଡା, ଗୁହାଲୁ ପଣ୍ଡା, ତିଳକ ମହାପାତ୍ର ପ୍ରମୁଖ ମନ୍ତ୍ରପାଠ କରିଥିଲେ ଏବଂ ସ୍ଥାନୀୟ କଟାବନ୍ଧରୁ କଳସ ଶୋଭାଯାତ୍ରା ଆସି ପୂଜାସ୍ଥଳର ପହଞ୍ଚିଥିଲା। ଶୋଭାଯାତ୍ରାରେ ସଂକୀର୍ତ୍ତନ, ଘଣ୍ଟବାଦ୍ୟ ସମେତ ମହିଳାମାନେ ସାମିଲ ଥିଲେ। ଏହି ଅବସରରେ ଗ୍ରାମ୍ୟଦେବୀଙ୍କ ମଧ୍ୟ ପୂଜାର୍ଚ୍ଚନା ସହିତ ଧ୍ୱଜାରୋହଣ କରାଯାଇଥିଲା। ନରୋତ୍ତମ ପ୍ରଧାନ ସପତ୍ନୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ସେହିପରି ଭୁକ୍ତା, ରୁଚିଦା ଆଦି ଗ୍ରାମରେ ମଧ୍ୟ କଳସ ଯାତ୍ରାରେ ମା' ମହାଲକ୍ଷ୍ମୀଙ୍କୁ ଆବାହନ କରାଯାଇଛି।

